# Akashvani, Sambalpur

## SAMBALPURI NEWS BULLETIN

### 24 November 2024- 6.47- 6.52 am.

*************************************************

ମନ୍ କି ବାତ୍        ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଳିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ଆଏଜ୍ ରାତିର୍ ୮ ବଜେ ଆଂଚଳିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ଉପମୁଖ୍ୟମନ୍ତ୍ରୀ- ସୁଭଦ୍ରା ଆର୍‌ଏନ୍‌ୟୁ/ କଟକ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ସୁନ୍ଦର୍‌ଗଡ୍ ନ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତିର୍ ୩ ନମ୍ବର୍ ଖେପ୍ ଟଙ୍କା ବାଂଟ୍‌ବେ ବଲି  ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍ ଯେ, ସୁଭଦ୍ରା ଯୋଜ୍‌ନାନୁ ବାଦ୍ ପଡ଼ିଥିବା ୨୨ ପ୍ରତିଶତ୍ ମହିଲାଙ୍କର୍ ସହେତେ ପାଖାପାଖି ୨୦ ଲାଖ୍ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜ୍‌ନାର୍ ପହେଲା କିସ୍ତି ଟଙ୍କା ମିଲ୍‌ବା । ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଯୋଜ୍‌ନାନୁ ବାଦ୍ ପଡ଼ିଥିବା ୨ ଲାଖ୍ ୬୭ ହଜାର୍ ହିତାଧିକାରୀଙ୍କର୍ ତାଲିକା ବ୍ଲକ୍ ନ ପୁହୁଁଚିଛେ । ଇ ବାବ୍‌ଦେ ବ୍ଲକ୍‌ସ୍ତର୍‌ଥି ସମୀକ୍ଷା କରାଯାଇକରି ଆଏଜ୍ ଟଙ୍କା ମିଲ୍‌ବାର୍‌କେ ଥିବାର୍ ତାଲିକାଥି ସାମିଲ୍ କରାଯାଇଛେ ।

ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ/ ଆର୍‌ଏନ୍‌ୟୁ ସମ୍ବଲପୁର

ବିଧାନ୍‌ସଭାର୍ ଶୀତକାଲୀନ୍ ଅଧିବେଶନ୍‌ର ଆଘୋନୁ ଆଏବା କାଏଲ୍ ସର୍ବଦଲୀୟ ବୈଠକ୍ ହେବା । ବୈଠକ୍‌ଥି ଗୃହ କାମ୍ କେନ୍ତା ସୁରୁଖୁରୁଥି ଚାଲ୍‌ବା ସେ ବିଷେ ବାଚସ୍ପତି ସୁରମା ପାଢ଼ୀ ସବୁ ଦଲର୍ ବିଧାୟକ୍‌ମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବେ ।

ଅଧିବେଶନ୍‌ଥି ଗୃହର୍ କାମ୍ ବିଧି ଅନ୍‌ସାରେ ହେବା ବଲି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଛନ୍ । ସେନ୍ତା ବିଜେପି, ବିଜେଡ଼ି ଆର୍ କଂଗ୍ରେସ୍‌ର୍ ବିଧାୟକ୍ ଦଲର୍ ବୈଠକ୍ ବସ୍‌ବାର୍ ଲାଗି ଥିର୍ ହେଇଛେ ।

ରତ୍ନଭଣ୍ଡାର-ବୈଷୟିକ ଯାଂଚ୍ ରିପୋର୍ଟ ଆର୍‌ଏନ୍‌ୟୁ /ସମ୍ବଲପୁର

ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର କାନ୍ଥି, ଛତ୍, ଚଟାନ୍‌ର ହେଇଥିବା ବୈଷୟିକ ଯାଂଚ୍ ରିପୋର୍ଟ ଶ୍ରୀମନ୍ଦିର୍ ପ୍ରଶାସନ୍‌କେ ମିଲିଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସେ କହିଛନ୍ ଯେ, ୪୫ ପୃଷ୍ଠାର୍ ଇ ରିପୋର୍ଟ ମିଲ୍‌ବାର୍ ଉତ୍‌ରୁ ଶ୍ରୀମନ୍ଦିର୍ ପ୍ରଶାସନ୍ ତରଫୁ ରତ୍ନଭଣ୍ଡାର୍ ମରାମତି ଆର୍ ରକ୍ଷଣାବେକ୍ଷଣ ଲାଗି ଏଏସ୍‌ଆଇକେ ଚିଠି ଲେଖାଯାଇଛେ । ବୈଷୟିକ ରିପୋର୍ଟ ବାବ୍‌ଦେ ଶ୍ରୀମନ୍ଦିର୍ ପରିଚାଲନା କମିଟି ଆର୍ ଛତିଶା ନିଯୋଗ୍ ସାଙ୍ଗେ ଆଲୋଚନା କରାଯିବା ।

ମୁଖ୍ୟମନ୍ତ୍ରୀ- ଫଟୋଚିତ୍ର ପ୍ରଦର୍ଶନୀ ଆର୍‌ଏନ୍‌ୟୁ /ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭୁବ୍‌ନେଶ୍ୱର୍ ରବୀନ୍ଦ୍ର ମଣ୍ଡପ ନ ସୂଚନା ଆଉ ଲୋକସମ୍ପର୍କ ବିଭାଗ୍ ତର୍‌ଫୁ ଉତ୍କଳ କେଶରୀ ଡକ୍ଟର୍ ହରେକୃଷ୍ଣ ମହତାବ୍‌ଙ୍କର୍ ଜନ୍ମବାର୍ଷିକୀ ସ୍ମରଣୋତ୍ସବ ଅବ୍‌ସରେ ହେଇଥିବା ଫଟୋ ପ୍ରଦର୍ଶନୀକେ ଗଲାକାଏଲ୍ ବୁଲି ଦେଖିଛନ୍ ।

ଇ ଫଟୋ ଚିତ୍ର ପ୍ରଦର୍ଶନୀଥି ମହାତ୍ମାଗାନ୍ଧୀ, ପଣ୍ଡିତ୍ ଜବାହାର୍‌ଲାଲ୍ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ, ମୌଲାନା ଆଜାଦ୍, ଡକ୍ଟର୍ ରାଜେନ୍ଦ୍ର ପ୍ରସାଦ୍, ସର୍ବପଲ୍ଲୀ ରାଧାକ୍ରିଷ୍ଣ, ବିଶ୍ୱକବି ରବୀନ୍ଦ୍ର ନାଥ ଠାକୁର, ଉତ୍କଳମଣି ଗୋପବନ୍ଧୁ ଦାସ୍, ଚକ୍ରବର୍ତ୍ତୀ ରାଜ୍‌ଗୋପାଲଚାରୀଙ୍କର୍ ବାଗିର୍ ମହାପୁରୁଷଙ୍କର୍ ସଙ୍ଗେ ଡକ୍ଟର୍ ମହତାବ୍‌ଙ୍କର୍ ଭିନ୍ ଭିନ୍ ଫଟୋଚିତ୍ର ଠାନ୍ ପାଇଥିଲା ।

ଧାନ୍ ଘିନା-ମନ୍ତ୍ରୀ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ମଣ୍ଡି ଛଡ଼ା ବାହାରୁ ଧାନ୍ ଘିନ୍‌ଲେ ମିଲ୍‌କେ ସିଲ୍ କରାଯାଇକରି କଲା ତାଲିକାଭୁକ୍ତ କର୍‌ବେ ବଲି ଯୋଗାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ସତର୍କ କରେଇଛନ୍ । ସେ କହିଛନ୍

ଯେ, ମିଲର୍‌ମାନେ ଚାଷୀମାନ୍‌କର୍‌ନୁ ସିଧାସଲଖ୍ ଧାନ୍ ଘିନି ନାଇଁପାରନ୍ । ଖାଲି ସର୍‌କାର୍‌ଙ୍କର୍ ତର୍‌ଫୁ ଥିର୍ କରାଯାଇଥିବା ମଣ୍ଡିନ ଧାରିଜ୍ ଦାମ୍‌ଥି ଧାନ୍ ଘିନିପାର୍‌ବେ ବଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ ।

ଜୁଆ ଆଡ୍ଡା-ପୁଲିସ୍ ଚଢ଼ଉ ନୂଆପଡ଼ା ସମ୍ବାଦଦାତା

ଛତିଶ୍‌ଗଡ୍ ସୀମ୍‌ନାର୍ ନୂଆପଡ଼ା ଜିଲ୍ଲାର୍ ଜଙ୍କ୍ ଥାନା ଇଲାକା ନ ଗୁଟେ ଜୁଆ ଆଡ୍ଡା ଉପ୍‌ରେ ପୁଲିସ୍ ଗଲାକାଏଲ୍ ଚଢ଼ଉ କରିଛେ । ଚଢ଼ଉ ସମିଆଥି ଘଟ୍‌ନା ଜାଗା ନ ୨୯ ଲାଖ୍ ନୁ ଅଏତ୍‌କା ଟଙ୍କା ଜବତ୍ କର୍‌ବାର୍ ସହେତେ ୮୦ ଝନ୍‌କୁ ଗିରଫ କରାଯାଇଛେ । ଇତାର୍‌ସହେତେ ୭୪ ଟା ମୋବାଇଲ୍ ଫୋନ୍ ଆର୍ ଜୁଆଥି ବେଭାର୍ କରାଯାଉଥିବା ସାମାନ୍‌ମାନେ ଜବତ୍ କରାଯାଇଛେ । ପୁଲିସ୍ ମହାନିର୍ଦ୍ଦେଶକ୍ ଯୋଗେଶ୍ ବାହାଦୂର୍ ଖୁରାନିଆଙ୍କର୍ ନିର୍ଦ୍ଦେଶ୍ ଅନ୍‌ସାରେ ଇ ଚଢ଼ଉ କରାଯାଇଥିଲା ।

କ୍ରୀଡ଼ା ଉତ୍ସବ ନୂଆପଡ଼ା ସମ୍ବାଦଦାତା

ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ତର୍‌ଫୁ କ୍ରୀଡ଼ା ଉତ୍ସବ୍ ପାଳିତ୍ ହେଇଯାଇଛେ । ଉତ୍ସବ୍ ଅବ୍‌ସରେ ହେଇଥିବା ଖୋ ଖୋ

ଖେଳ୍‌ଥି ଖଡ଼ିଆଲ୍ ସ୍ୱୟଂଶାସିତ୍ ମହାବିଦ୍ୟାଳୟ ଚମ୍ପିଆନ୍ ହେଇଛେ । ଇ ଦଲ୍ ବାଲେଶ୍ୱର୍ ଠାନେ ଆଏବାମାସ ୩ ତାରିଖ୍ ହେବାର୍‌କେ ଥିବା ବିଶ୍ୱବିଦ୍ୟାଳୟସ୍ତରୀୟ କ୍ରୀଡ଼ା ଉତ୍ସବ୍‌ଥି ଯୋଗ୍ ଦେବେ ।

ଆଇଏଏସ୍ ଅଧିକାରୀ ସ୍ତର ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍ ଆଇଏଏସ୍ ଅଧିକାରୀ ସ୍ତର୍‌ଥି ଗୁଟେ ବଡ଼ ଧରଣ୍‌ର ଅଦଲ୍‌ବଦଲ୍ କରିଛନ୍ । ଯୋଜ୍‌ନା ଆଉ ସଂଯୋଜନ୍ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ଶ୍ରମ ଆଉ କର୍ମଚାରୀ ରାଜ୍ୟ ବୀମା ବିଭାଗ୍‌ର ପ୍ରମୁଖ ସଚିବ ଭାବେ ବଦ୍‌ଲି କରାଯାଇଛେ । ଇତାର୍‌ଛଡ଼ା ସେ ଆଘର୍ ବାଗିର୍ ବିଜ୍ଞାନ୍ ଆଉ ବୈଷୟିକ ବିଭାଗ୍‌ର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱଥି ରହେବେ । ସେନ୍ତା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ୍‌ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଜାମିନୀ ଷଡ଼ଙ୍ଗୀଙ୍କୁ ବାଣିଜ୍ୟ କର ଆଉ ଜିଏସ୍‌ଟି କମିଶନର୍ ଭାବେ ବଦ୍‌ଲି ହେଇଛେ । ସେ ଆଘର୍ ବାଗିର୍ ଅର୍ଥ ବିଭାଗ୍‌ର ସ୍ୱତନ୍ତ୍ର ସଚିବ ଭାବେ ଅତିରିକ୍ତ ଦାୟିତ୍ୱଥି ରହେବେ । ଜଲ୍‌ସମ୍ପଦ୍ ବିଭାଗ୍‌ର ଅତିରିକ୍ତ ସଚିବ ସୁଧାଂଶୁ ମୋହନ୍ ସାମଲ୍‌ଙ୍କୁ ଓଡ଼ିଶା ଖଣି ନିଗମ୍‌ର ପରିଚାଳନା ନିର୍ଦ୍ଦେଶକ

ଭାବେ ବଦ୍‌ଲି ହେଇଛେ । ଅନୁସୂଚିତ ଜନଜାତି ବିଭାଗ୍‌ର ନିର୍ଦ୍ଦେଶକ୍ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରମ କମିଶନର୍ ଭାବେ ବଦ୍‌ଲି କରାଯାଇଛେ । ଓଡ଼ିଶା ରାଜ୍ୟ ଔଷଧ ନିଗମ୍‌ର ପରିଚାଳନା ନିର୍ଦ୍ଦେଶିକା ଡାକ୍ତର୍ ପୋମା ଟୁଡୁ ଏଛେନ୍ ଖାଦ୍ୟ ସୁରକ୍ଷା କମିଶନର୍ ଟି.ଡି.ସି.ସି.ଓ.ଏଲ୍. ର ପରିଚାଳନା ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱଥି ଥିବାର୍ ବେଲେ ତାଙ୍କୁ ଜନଜାତି ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ ।